ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :11**

**CLASS :3**

**SUBJECT : ODIA**

**CHAPTER NUMBER: 09**

**CHAPTER NAME : ରମ୍ଭା ନୂଆ ଜାଗା ଦେଖିଲା**

**SUBTOPIC :ଅଭ୍ୟାସ-୪,୫ ,୭ ଓ ୮**

CHANGING YOUR TOMORROW

ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ , ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ ଓ ଲିଖନ  ଶୈଳୀ ର ଅଭିବୃଦ୍ଧି କରାଇବା  |



ODM EDUCATIONAL GROUP


ODM
ODM


ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ


ରାଜଧାନୀ ଚିକିତ୍ସାଳୟ
CAPITAL HOSPITAL

# ରତ୍ନା ନୂଆ ଜାଗା ଦେଖିଲା



ପାଠ - ୯

# ରତ୍ନା ନୂଆ ଜାଗା ଦେଖିଲା

ODM EDUCATIONAL GROUP




ଝିଅଟିର ନାଁ ରତ୍ନା । ଆମ୍ବପାଳୀ ଗାଁରେ ମାଉସୀ ବେମାର ଥିଲେ । ରତ୍ନା ମା' ସହିତ ମାଉସୀଙ୍କୁ ଦେଖିବାକୁ ବାହାରିଲା ।

ରତ୍ନା : ମା', ଏଇଟି କେଉଁ ବିଦ୍ୟାଳୟ ?

ମା' : ଏହାର ନାମ ଆମ୍ବପାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟ । ଏଠାରେ ମୁଁ ପାଠ ପଢୁଥିଲି ।

ରତ୍ନା : ମା' ଏହି ବଗିଚାରେ କେଉଁ ସବୁ ଗଛ ଅଛି ?

ମା' : ରତ୍ନା, ଏଇଟା ଗମ୍ଭାରୀ ଗଛ । ହେଇ ଦେଖ, ସେପଟେ ଚମ୍ପା ପାଖରେ ଆମ୍ବ, ପଣସ ଓ ମନ୍ଦାର ଗଛ ଅଛି ।

ରତ୍ନା : ଏତେବଡ଼ ବଗିଚାରେ ପାଣି କେଉଁଠୁ ଦେଉଥିବେ ?

ମା' : ଦେଖୁନୁ କେତେବଡ଼ କୂଅ ଅଛି । ବଡ଼ବଡ଼ କୂଅକୁ ବାନ୍ଧୀ କୁହାଯାଏ । ପମ୍ପରେ ପାଣି ଉଠାଯାଇ ବଗିଚାରେ ଦିଆଯାଏ ।



ରମ୍ଭା : ମୁଁ ଏଇଠି ଖେଳିବି କି ?

ମା' : ହଁ, ଯାଉନୁ ସେଇ ଖସଡ଼ାରେ ଖସିବୁ ।

ରମ୍ଭା : ମା', ଏହି ବିଦ୍ୟାଳୟରେ କ'ଣ ସବୁ ହୁଏ ?

ମା' : ଏଠାରେ ପାଠ ପଢ଼ାଯାଏ । ଏଠାରେ ପାଠ ପଢ଼ି ପିଲାମାନେ ବହୁତ କଥା ଶିଖନ୍ତି । ସରକାରୀ ବିଦ୍ୟାଳୟରେ ସବୁପିଲାଙ୍କୁ ମାଗଣାରେ ବହି, ପୋଷାକ ଓ ଖାଇବାକୁ ଦିଆଯାଏ । ଧନୀଗରିବ ସଭିଏଁ ପଢ଼ିବାର ସୁଯୋଗ ପାଆନ୍ତି ।

ରମ୍ଭା : ମା', ଏଇଟି କି ଘର ?

ମା' : ଏଇଟା କୁମ୍ଭାରପୁର ଗ୍ରାମପଞ୍ଚାୟତ ଅଫିସ୍ ।

ରମ୍ଭା : ଏ ଅଫିସ୍ କେଉଁ କାମ କରେ ?



ODM EDUCATIONAL GROUP

ମା' : ଗ୍ରାମପଞ୍ଚାୟତ ଗ୍ରାମସଡ଼କ ତିଆରି ଓ ମରାମତି କରେ । ଗ୍ରାମପଞ୍ଚାୟତ ପୋଖରୀ ଖୋଳେ ।



ରମ୍ଭା : ମା', ଏଠାରେ କ'ଣ ହେଉଛି ?

ମା' : ଜାଣିଲୁ ଝିଅ, ଏଠାରେ ଗୋଟିଏ ସଭା ହେଉଛି । ଗ୍ରାମପଞ୍ଚାୟତର



ମୁଖ୍ୟ ହେଉଛନ୍ତି ସରପଞ୍ଚ । ଗ୍ରାମପଞ୍ଚାୟତ ଗାଁର ଭଲମନ୍ଦ ବୁଝେ । ଗାଁ, ଗାଁ ମଧ୍ୟରେ ହେଉଥିବା କଳିକଜିଆକୁ ସମାଧାନ କରେ ।

ରମ୍ଭା: ଗ୍ରାମପଞ୍ଚାୟତ କେମିତି ଗଠିତ ହୁଏ ?




ରମ୍ଭା: ଏ ଲୋକଟିକୁ କେଉଁଠିକି ନେଉଛନ୍ତି ମା' ?

ମା : ଡାକ୍ତରଖାନାକୁ ନେଉଛନ୍ତି । ଏଠାରେ ଡାକ୍ତର, ନର୍ସ, କମ୍ପାଉଣ୍ଡର ଓ ଅନ୍ୟମାନେ କାମ କରନ୍ତି ।

ଏଠାରେ ମାଗଣାରେ ରୋଗୀ ପରୀକ୍ଷା କରାଯାଏ । ଔଷଧ ଦିଆଯାଏ । ତୋ ମାଉସୀ ବି ଏବେ ଏଠାରେ ଅଛନ୍ତି ।



ରମ୍ଭା: ମା', ଏହି ଫଳଗୁଡ଼ିକୁ କେଉଁଠି ରଖିବି ?

ମା' : ସେହି ଫଳଗୁଡ଼ିକୁ ଷ୍ଟୁଲ ଉପରେ ସଜାଡ଼ି ରଖି ଦେ ।




Flowers
Leaves
Fruits









ODM
EDUCATIONAL GROUP

୪ । ତଳ ଲେଖାଟିକୁ ପଢ଼ । 'ମ୍ବ' ଥିବା ଶବ୍ଦ ତଳେ ଗାର ଦିଅ ଓ 'ମ୍ଭ' ଥିବା ଶବ୍ଦ ଉପରେ ଗାରଦିଅ ।

"ସମ୍ବଲପୁର ଜିଲ୍ଲାରେ ଆମ୍ବଝର ଗାଁ । ସେଠାରେ ବାନାମ୍ବର କୁମ୍ଭାର ରହେ । ତା'ର ବୟସ ପ୍ରାୟ ଚବିଶ କି ପଚିଶି । ଦେଖିବାକୁ ଡେଙ୍ଗା, ଗୋରା, ଓସାରିଆ ଛାତି, ଲମ୍ବା ଲମ୍ବା ହାତ । ସେ ବେଶ୍ ଦମ୍ଭିଲା ଦେଖାଯାଏ । ବିପଦ ଆପଦ ଆସିଲେ ଭୟ କରେ ନାହିଁ । ସେ କହେ, ଅସମ୍ଭବ ବୋଲି କିଛି ନାହିଁ । ଆମେ ଚାହିଁଲେ ସବୁକିଛି ସମ୍ଭବ ହୋଇପାରିବ ।

୫ । ଠିକ୍ ବନାନ କରି ପଢ଼ ।

| | | | |
|---|---|---|---|
| ଖମ୍ବ | କମ୍ବଳ | ଦମ୍ଭ | ସମ୍ଭବ |
| ଆମ୍ବ | କଦମ୍ବ | ତୁମ୍ଭେ | ନିମ୍ବଗଛ |
| ଲମ୍ବ | ଶିମ୍ବଲତା | କୁମ୍ଭୀର | ଗମ୍ଭୀର |

## ଅଭ୍ୟାସ -୭ ଆସ ଗୀତ ଗାଇବା

ଆମ୍ବ ବଉଳଇ ଫଗୁଣ ମାସେ
ଦିଗ ଚହଟଇ ତାର ସୁବାସେ ।

## ଅଭ୍ୟାସ -୮ ତଳେ ଥିବା ଶବ୍ଦଗୁଡିକୁ ପଢ ଓ ଲେଖ ।

| | | | |
|---|---|---|---|
| କମ୍ପାସ | ଗୁମ୍ଫା | ଚୁମ୍ବକ | ଅସମ୍ଭବ |
| ସମ୍ପଦ | ଡାମ୍ଫଣ | କମ୍ବଳ | ଗମ୍ଭୀର |
| | | କଦମ୍ବ | |
| | | ସମ୍ବାଦ | |

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

୧ –ଝିଅଟିର ନାମ କଣ ?

୨ –କେଉଁ ଗାଁ ରେ ମାଉସୀ ବେମାର ପଡିଥିଲେ ?

୩ – ବିଦ୍ୟାଳୟଟିର ନାମ କଣ ଥିଲା ?

୪ –ବଗିଚାରେ କେଉଁ କେଉଁ ଗଛ ଥିଲା ?

୫ –ବଡ ବଡ କୂଅ କୁ କଣ କୁହାଯାଏ?

୬ – କେଉଁଥିରେ ପାଣି ଉଠାଯାଇ ବଗିଚାରେ ଦିଆଯାଏ ?

୭ –ବିଦ୍ୟାଳୟରେ କଣ ସବୁ ହୁଏ ?

୮ –ସରକାରୀ ବିଦ୍ୟାଳୟରେ ପିଲାମାନଙ୍କୁ କଣସବୁ ମାଗଣାରେ ଦିଆଯାଏ ?

ODM EDUCATIONAL GROUP

## ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

୧ –ଗ୍ରାମ ପଞ୍ଚାୟତ ଅଫିସ କେଉଁ କାମ କରେ ?

୨ –ଗ୍ରାମ ପଞ୍ଚାୟତର ମୁଖ୍ୟ କିଏ ଅଟନ୍ତି ?

୩ – କିଏ ଗାଁ ର ଭଲମନ୍ଦ ବୁଝେ ?

୪ –ଗ୍ରାମ ପଞ୍ଚାୟତ କେମିତି ଗଠିତ ହୁଏ ?

୫–ଦେହ ଖରାପ ହେଲେ ଆମେ ଚିକିତ୍ସାପାଇଁ କେଉଁଠିକୁ ଯାଉ ?

୬ –ଡାକ୍ତରଖାନା ରେ କେଉଁମାନେ କାମ କରନ୍ତି ?

୭ –ରମ୍ଭା ଫଳ ଗୁଡିକୁ କେଉଁଠାରେ ରଖିଲା ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

ଅଭ୍ୟାସ ୬ ଓ ୯ କୁ ଖାତାରେ ଲେଖ ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP